# ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚର ହିସାବ ପ୍ରଦାନ ନିମନ୍ତେ ପତ୍ର

(ନିର୍ବାଚନ ଅଧିକାରୀ ପ୍ରାର୍ଥୀଙ୍କୁ ଦେବେ)

ପ୍ରାପ୍ତେଷୁ :

(ପ୍ରାର୍ଥୀଙ୍କର ନାମ ଓ ଠିକଣା)

ବିଷୟ— ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ ହିସାବ ପ୍ରଦାନ କରିବା

ମହାଶୟ/ମହାଶୟା,

ରାଜ୍ୟ ନିର୍ବାଚନ କମିଶନ, ଓଡ଼ିଶାଙ୍କ ଆଦେଶନାମା ସଂଖ୍ୟା ୫୪୧୩, ତା ୨୬-୦୨-୨୦୦୬ ରିଖ ଓ ୪୮୯୬, ତା ୨୮-୧୦-୨୦୧୧ ରିଖ ପ୍ରତି ଦୃଷ୍ଟି ଆକର୍ଷଣ କରି ଜଣାଇ ଦିଆଯାଉଅଛି ଯେ ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟ ଏବଂ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତ୍ୟେକ ପ୍ରାର୍ଥୀ ସେମାନଙ୍କର ନିର୍ବାଚନ ସଂକ୍ରାନ୍ତୀୟ ଖର୍ଚ୍ଚର ହିସାବ ତଦାରଖ ନିମନ୍ତେ ରଖିବେ। ଫଳାଫଳ ଘୋଷଣା ପରେ ସଂପୂର୍ଣ୍ଣ ହିସାବର ବିବରଣୀ ଦାଖଲ କରିବେ।

(୧) ଆପଣ ପ୍ରତ୍ୟେକ ଦିନର ଖର୍ଚ୍ଚର ହିସାବ ସଂଲଗ୍ନ ହୋଇଥିବା ଫାରମ ନଂ. ୧ ଅନୁସାରେ ଏକ 36 cm. X 30 cm. ରେଜିଷ୍ଟାରରେ ଲିପିବଦ୍ଧ କରିବେ ଓ ସମର୍ଥିତ ଭାଉଚର, ବିଲ୍ ଇତ୍ୟାଦି କ୍ରମାନ୍ୱୟରେ ରଖିବେ।

(୨) ଏହି ରେଜିଷ୍ଟାର ପର୍ଯ୍ୟବେକ୍ଷକଙ୍କ ତଦାରଖ ନିମନ୍ତେ ଉପ ଜିଲ୍ଲାପାଳ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ତାରିଖରେ ଉପସ୍ଥାପନ କରିବେ। ନିର୍ଦ୍ଧାରିତ ତାରିଖ ଉପରୋକ୍ତ କାର୍ଯ୍ୟାଳୟର ନୋଟିସ ବୋର୍ଡ଼ରେ ପ୍ରକାଶନ କରାଯିବ। ଯେକୌଣସି ସମୟରେ ଆବଶ୍ୟକ ପଡ଼ିଲେ ଖର୍ଚ୍ଚର ସମର୍ଥିତ ଭାଉଚର ମଧ୍ୟ ଉପସ୍ଥାପନ କରାଯିବ।

(୩) ସେହିପରି ଆବଶ୍ୟକ ପଡ଼ିଲେ ରେଜିଷ୍ଟାର ଓ ତତ୍‌ସମ୍ବନ୍ଧୀୟ ଭାଉଚର ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା କ୍ଷମତାପୂର୍ଣ୍ଣ ଅଧିକାରୀଙ୍କ ନିକଟରେ ମଧ୍ୟ ଉପସ୍ଥାପନା କରିବେ।

(୪) ଜିଲ୍ଲା ପରିଷଦ ସଭ୍ୟ ନିର୍ବାଚନ ସଂକ୍ରାନ୍ତୀୟ ଖର୍ଚ୍ଚର ସମ୍ପୂର୍ଣ୍ଣ ବିବରଣୀ ନର୍ବାଚନ ଫଳ ଘୋଷଣା ହେବାର ୩୦ ଦିନ ମଧ୍ୟରେ ଜିଲ୍ଲାପାଳଙ୍କୁ ଓ ପଞ୍ଚାୟତ ସମିତି, ସରପଞ୍ଚ ପ୍ରାର୍ଥୀ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଉପରୋକ୍ତ ଆଦେଶରେ ଥିବା ଫାରମ ୨ରେ ଦାଖଲ କରିବେ।

(୫) ଉଭୟ ଫାରମ ( ୧ ଏବଂ ୨ ) ଏହି ଚିଠି ସହିତ ସଂଲଗ୍ନ କରାଯାଇଅଛି।

ଆପଣଙ୍କର ବିଶ୍ୱସ୍ତ,

ନିର୍ବାଚନ ଅଧିକାରୀ

---

## ପ୍ରାପ୍ତିପତ୍ର

ପ୍ରାପ୍ତେଷୁ :

ନିର୍ବାଚନ ଅଧିକାରୀ,
ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି, ସରପଞ୍ଚ

ମହାଶୟ,

ମୁଁ ଶ୍ରୀ / ଶ୍ରୀମତୀ / କୁମାରୀ.............................................................................ନିର୍ବାଚନ ଖର୍ଚ୍ଚର ହିସାବ ପ୍ରସ୍ତୁତ ପାଇଁ ଆବଶ୍ୟକ ଫାରମ ପ୍ରାପ୍ତ ହେଲି ଓ ତଦନୁଯାୟୀ ନିର୍ବାଚନ ସଂକ୍ରାନ୍ତୀୟ ଖର୍ଚ୍ଚର ହିସାବ ଖର୍ଚ୍ଚ-ପର୍ଯ୍ୟବେକ୍ଷକଙ୍କ ନିକଟରେ ଉପସ୍ଥାପନା କରିବି ଓ ଫଳାଫଳ ଘୋଷଣା ପରେ ସଂପୃକ୍ତ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିବି।

ଆପଣଙ୍କର ବିଶ୍ୱସ୍ତ,

ପ୍ରାର୍ଥୀଙ୍କର ଦସ୍ତଖତ ଏବଂ ତାରିଖ

# ନିର୍ବାଚନ ଖର୍ଚ୍ଚର ବିବରଣୀ

୧ । ପ୍ରାର୍ଥୀଙ୍କର ନାମ :

୨ । (କ) ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜିଲ୍ଲା ପରିଷଦ ଜୋନର ନମ୍ବର ଓ ନାମ :

(ଖ) ରାଜନୈତିକ ଦଳର ନାମ ଯଦି ଥାଏ :

(ଗ) ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପଞ୍ଚାୟତ ସମିତିର ନିର୍ବାଚନ ମଣ୍ଡଳୀ ନାମ :

(ଘ) ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଗ୍ରାମ ପଞ୍ଚାୟତର ନାମ :

## ଫାରମ ୧
## ପ୍ରତିଦିନର ହିସାବ

| ତାରିଖ | କେଉଁ ପ୍ରକାରର ଖର୍ଚ୍ଚ | ଖର୍ଚ୍ଚର ପରିମାଣ ପୈଠ | ଖର୍ଚ୍ଚର ପରିମାଣ ବକେୟା | ବକେୟା ପରିଶୋଧ କରିବା ତାରିଖ | ଗ୍ରହୀତାଙ୍କର ନାମ ଏବଂ ଠିକଣା |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |

| ପୈଠ କରାଯାଇଥିଲେ ଭାଉଚରର କ୍ରମିକ ନଂ. | ବକେୟା ଥିଲେ ବିଲ୍‌ର କ୍ରମିକ ନଂ. | ଗ୍ରହୀତାଙ୍କୁ ପୈଠ ହୋଇଥିଲେ ବା ବକେୟା ଥିଲେ ତାଙ୍କର ନାମ ଏବଂ ଠିକଣା | ମନ୍ତବ୍ୟ |
|---|---|---|---|
| (୭) | (୮) | (୯) | (୧୦) |

**ବି.ଦ୍ର.**— ମୋଟର ଯାନ ଖର୍ଚ୍ଚ ସହିତ ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ଖର୍ଚ୍ଚର ହିସାବ ଏହି ଫରମାଟରେ ରଖାଯିବ ।

**ପ୍ରାର୍ଥୀ କିମ୍ବା ତାଙ୍କଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କର ସମ୍ପୂର୍ଣ୍ଣ ଦସ୍ତଖତ**

# ଫାରମ ୨

## ସମୁଦାୟ ନିର୍ବାଚନ ଖର୍ଚ୍ଚର ହିସାବ

| ଖର୍ଚ୍ଚର ଶୀର୍ଷକ | ପରିମାଣ ନମ୍ବର | ବ୍ୟକ୍ତିଙ୍କ ନାମ/ପରିମାଣ/ ରାଜନୈତିକ ବଳ/ କିମ୍ବା ଖର୍ଚ୍ଚ କରିବା ପାଇଁ କ୍ଷମତାପ୍ରାପ୍ତ ସଂସ୍ଥା | ଖର୍ଚ୍ଚ ପରିମାଣ | ପୈଠ ତାରିଖ | ପୈଠ କରିବାର ପଦ୍ଧତି | ପୈଠ କରିବା ହିସାବର ପ୍ରମାଣ | ମନ୍ତବ୍ୟ |
|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) |
| ୧। ଅମାନତ ଜମା | | | | | | | |
| ୨। ଭୋଟର ଲିଷ୍ଟ କିଣିବାରେ ଖର୍ଚ୍ଚ | | | | | | | |
| ୩। ମୁଦ୍ରଣଜନିତ ଖର୍ଚ୍ଚ— | | | | | | | |
| (a) ଘୋଷଣାପତ୍ର | | | | | | | |
| (b) ବିଜ୍ଞାପନପତ୍ର | | | | | | | |
| (c) ପ୍ରଚାରପତ୍ର | | | | | | | |
| (d) ଅନ୍ୟାନ୍ୟ | | | | | | | |
| ୪। ଇସ୍ତାହାର ସମ୍ବନ୍ଧୀୟ ଖର୍ଚ୍ଚ— | | | | | | | |
| (a) ଘରୋଇ କାନ୍ଥରେ ବିଜ୍ଞାପନ। | | | | | | | |
| (b) ପ୍ରଚାରପତ୍ର ବଣ୍ଟନ | | | | | | | |
| (c) ପ୍ରଚାରପତ୍ର ଅଠା ଦ୍ୱାରା ଲଗାଇବା। | | | | | | | |
| (d) ପ୍ରକାଶନ | | | | | | | |
| (e) ଅନ୍ୟାନ୍ୟ | | | | | | | |

| (୧) | (୨) | (୩) | (୪) | (୫) | (୬) | (୭) | (୮) |
|---|---|---|---|---|---|---|---|
| ୫। କାଗଜ କଲମ କିଣା | | | | | | | |
| ୬। ନିର୍ବାଚନ ସଭା ଖର୍ଚ୍ଚ— | | | | | | | |
| (a) ସଭାସ୍ଥଳ ଭଡା | | | | | | | |
| (b) ମଣ୍ଡପ ଭଡା | | | | | | | |
| (c) ଡାକବାଜି ଯନ୍ତ୍ର | | | | | | | |
| ୭। ମୋଟର ଯାନ ଖର୍ଚ୍ଚ— | | | | | | | |
| (a) ବ୍ୟବହୃତ ଗାଡି ସଂଖ୍ୟା ଓ ପୈଠ ଭଡା। | | | | | | | |
| (b) ତେଲ କିଣା ଖର୍ଚ୍ଚ | | | | | | | |
| ୮। ଖାଦ୍ୟପେୟ ବାବଦରେ ଖର୍ଚ୍ଚ— | | | | | | | |
| (a) ନିର୍ବାଚନ ପ୍ରତିନିଧିଙ୍କ ନିମନ୍ତେ | | | | | | | |
| (b) ପୋଲିଂ/ଗଣନାକାରୀ ଏଜେଣ୍ଟଙ୍କ ନିମନ୍ତେ। | | | | | | | |
| ୯। ଅନ୍ୟାନ୍ୟ ଖର୍ଚ୍ଚ ଯାହାକି ଉପରେ ଉଲ୍ଲେଖ କରାଯାଇନାହିଁ। | | | | | | | |

**ପ୍ରାର୍ଥୀଙ୍କର କିମ୍ବା କ୍ଷମତାପନ୍ନ ବ୍ୟକ୍ତିଙ୍କର ପୂର୍ଣ୍ଣ ସ୍ୱାକ୍ଷର**

ବି. ଦ୍ର.— ନିର୍ବାଚନ ଫଳାଫଳ ଘୋଷଣା ହେବାର ଏକ ମାସ ମଧ୍ୟରେ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲାପାଳ/ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାଖଲ କରାଯିବ।

OGP—MP—PTS-U-1 (S.E.C.) 88—1,10,000 Bks.—4-8-2016